# NATIONAL NEWS BULLETIN (ODIA)

**1 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ସମାରୋହରେ ଯୋଗଦେଇ ସ୍ୱତନ୍ତ୍ର ଡିଜାଇନ୍‌ର ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

- ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬ ଦଶମିକ ୮ ପ୍ରତିଶତ କରିଛି

- ହସ୍ତଶିଳ୍ପ ସାମଗ୍ରୀର ଆକର୍ଷଣ ବଢ଼ାଇଛି ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ।

- ଏନ୍‌ସିସିର ମହାନିର୍ଦ୍ଦେଶକ ଭାବେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରେନ୍ଦ୍ର ବସ୍ଙ୍କ ଦାୟିତ୍ୱ ଗ୍ରହଣ

ଏବଂ

- ୭ ବର୍ଷର ବ୍ୟବଧାନ ପରେ ଆଜି ଆନୁଷ୍ଠାନିକ ଭାବେ ଆମେରିକାର ସରକାରୀ କାର୍ଯ୍ୟ ବନ୍ଦ

## ପିଏମ୍-ଆର୍‌ଏସ୍‌ଏସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ-ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହରେ ଯୋଗ ଦେଇଛନ୍ତି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,

ଆରଏସଏସ୍ ରାଷ୍ଟ୍ର ନିର୍ମାଣ ପାଇଁ କାର୍ଯ୍ୟ କରୁଛି । ୧୦୦ବର୍ଷ ପୂର୍ବେ ଏହି ମହାନ୍ ଦିବସରେ ଏକ ସଂଗଠନ ଭାବେ ଆରଏସ୍ଏସ୍‌ର ପ୍ରତିଷ୍ଠା କେବଳ ଏକ ସଂଯୋଗ ନଥିଲା, ବରଂ ଏହା ହଜାର ହଜାର ବର୍ଷ ଧରି ଚାଲୁଥିବା ଏକ ପରମ୍ପରାର ପୁନରୁତ୍ଥାନ ଥିଲା । ଶ୍ରୀ ମୋଦୀ କହିଥିଲେ, ଆରଏସଏସ୍ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରର ସେବା ଏବଂ ସମାଜକୁ ସଶକ୍ତ କରିବା ଦିଗରେ ଅକ୍ଲାନ୍ତ ପରିଶ୍ରମ କରିବା ସହ ଦେଶସେବାରେ ସଂପୂର୍ଣ୍ଣ ସମର୍ପିତ ରହିଛନ୍ତି । ପ୍ରଧାନମନ୍ତ୍ରୀ ସ୍ମରଣ କରାଇ ଦେଇଥିଲେ ଯେ ଆରଏସଏସ ସ୍ୱେଚ୍ଛାସେବୀମାନେ ମଧ୍ୟ ୧୯୬୩ ମସିହାରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶ ଗ୍ରହଣ କରି ଗର୍ବର ସହ ପଦଯାତ୍ରା କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ପ୍ରତି ଆର୍ଏସଏସ୍‌ର ଅବଦାନ ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ସ୍ମାରକୀ ଡାକ ଟିକଟ ଏବଂ ମୁଦ୍ରାକୁ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ଆରଏସଏସ୍ ଲୋକଙ୍କ ମଧ୍ୟରେ ରାଷ୍ଟ୍ର ନିର୍ମାଣ ଏବଂ ସାଂସ୍କୃତିକ ସଚେତନତାର ଭାବନାକୁ ପ୍ରଜ୍ୱଳିତ କରୁଛି ।

---

# ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆରବିଆଇ ଚଳିତ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬ ଦଶମିକ ୮ ପ୍ରତିଶତକୁ ସଂଶୋଧନ କରିଛି । ଚଳିତ ଆର୍ଥିକବର୍ଷରେ ମୁଦ୍ରାସ୍ଫୀତି ୨ ଦଶମିକ ୬ ପ୍ରତିଶତରେ ରହିବ ବୋଲି ମଧ୍ୟ ଆରବିଆଇ ଆକଳନ କରିଛି, ଯାହା ପୂର୍ବ ଆକଳନ ତୁଳନାରେ କମ୍ ରହିଛି ।

ଚଳିତବର୍ଷ ଅଗଷ୍ଟ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ୬ ଦଶମିକ ୫ ପ୍ରତିଶତ ଏବଂ ମୁଦ୍ରାସ୍ଫୀତି ୩ ଦଶମିକ ୧ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଥିଲା ।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ମୁମ୍ବାଇରେ ଚଳିତ ଆର୍ଥିକବର୍ଷର ଚତୁର୍ଥ ଦ୍ୱିମାସିକ ନୀତି ଘୋଷଣା କରି କହିଛନ୍ତି, ଆରବିଆଇ ଏହାର ରେପୋରେଟ୍ ବା ସୁଧହାରକୁ ୫ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି । ମୁଦ୍ରାନୀତି କମିଟି-ଏମ୍‌ପିସି ନୀତିଗତ ରେପୋ ହାରକୁ ଅପରିବର୍ତ୍ତିତ ରଖିବା ପାଇଁ ସର୍ବସମ୍ମତିକ୍ରମେ ଭୋଟ୍ ଦେବା ସହ ନିରପେକ୍ଷ ଆଭିମୁଖ୍ୟ ଜାରି ରଖିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀ ମାଲହୋତ୍ରା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଜିଏସଟି ହାରକୁ ଯୁକ୍ତିସଂଗତ କରିବା ଦ୍ୱାରା କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ-ସିପିଆଇ ବାସ୍କେଟ୍‌ରେ ଥିବା ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଛି । ମୁଖ୍ୟତଃ ଜିଏସଟି ହାର ହ୍ରାସ ଏବଂ ସୁଲଭ ଖାଦ୍ୟ ମୂଲ୍ୟ କାରଣରୁ ମୁଦ୍ରାସ୍ଫୀତି ଫଳାଫଳ ଚଳିତବର୍ଷ ଅଗଷ୍ଟ ମାସରେ ଆକଳନ କରାଯାଇଥିବା ହାର ତୁଳନାରେ କମ୍ ହେବାର ସମ୍ଭାବନା ରହିଛି ।

---

## ଜି.ଏସ୍.ଟି. - ହସ୍ତଶିଳ୍ପ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ ହେବା ପରେ ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ଜି.ଏସ୍.ଟି. ସଂରଚନାରେ, ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ ପରିବର୍ତ୍ତନ କରି କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖିଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ **ବଚତ୍ ଉତ୍ସବ** ସମାଜର ସମସ୍ତ ବର୍ଗଙ୍କୁ ଲାଭାନ୍ୱିତ କରୁଛି । ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ଭାରତର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସଂସ୍କାର ଦ୍ୱାରା ବିଭିନ୍ନ ସାମଗ୍ରୀ

ଓ ସେବା ଉପରେ ଟିକସ ହାର ହ୍ରାସ ଯୋଗୁଁ ନାଗରିକମାନଙ୍କୁ ଯଥେଷ୍ଟ ଆଶ୍ୱସ୍ତି ମିଳିଛି । ଏହି କ୍ରମରେ ହସ୍ତଶିଳ୍ପ ସାମଗ୍ରୀ ଉପରେ ଜିଏସଟି ହ୍ରାସ ସଂପର୍କରେ ଶୁଣନ୍ତୁ ଏକ ରିପୋର୍ଟ:

ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ଅଧୀନରେ ସରକାର ବ୍ୟବସାୟୀ, କାରିଗର ଏବଂ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଟିକସ ହ୍ରାସ କରିଛନ୍ତି ।

ସେରାମିକ୍ ପାଉଡର ଏବଂ ଜାର୍, ଟେରାକୋଟା ବାସନ, ରୋଷେଇ ବାସନ ପରି ଦୈନନ୍ଦିନ ସାମଗ୍ରୀ ଉପରେ ୧୨ ପ୍ରତିଶତ ବଦଳରେ ଏବେ ମାତ୍ର ୫ ପ୍ରତିଶତ ଟିକସ ଲଗାଯାଉଛି। ଏହି ପଦକ୍ଷେପ ଘରୋଇ ଖର୍ଚ୍ଚ ହ୍ରାସ କରିବା ଏବଂ ଅତ୍ୟାବଶ୍ୟକ ରୋଷେଇ ସାମଗ୍ରୀକୁ ଅଧିକ ସୁଲଭ କରିବ ।

ସେହିପରି ହସ୍ତଶିଳ୍ପ କ୍ଷେତ୍ରରେ ପ୍ରତିମୂର୍ତ୍ତି, ନୀଳକୁମ୍ଭ ସମେତ ସାଜସଜା, ସେରାମିକ୍ ଏବଂ ସାଜସଜା ଫ୍ରେମ୍ ଥିବା ଦର୍ପଣ ଉପରେ ଜିଏସଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ କାରିଗର ଏବଂ ପାରମ୍ପରିକ ଶିଳ୍ପ ବଜାରକୁ ସିଧାସଳଖ ପ୍ରୋତ୍ସାହନ ଦେଉଛି । ପ୍ରତିମୂର୍ତ୍ତି, ଫୁଲଦାନୀ, ଜାର୍ ଏବଂ ଆଲଙ୍କାରିକ ସାମଗ୍ରୀ ସମେତ କାଚ କଳାକୃତି ଗୁଡ଼ିକ ପୂର୍ବର ୧୨ ପ୍ରତିଶତ ଟିକସ ବଦଳରେ ୫ ପ୍ରତିଶତ ଜିଏସଟି ଯୋଗୁଁ ଗ୍ରାହକମାନଙ୍କୁ ଅଧିକ ଆକର୍ଷିତ କରୁଛି ।

---

## ପିଏମ୍-ମହାନବମୀ

ପବିତ୍ର ଦଶହରା ପର୍ବର ମହାନବମୀ ତିଥିରେ ଆଜି ସାରା ଦେଶରେ ପୂଜାମଣ୍ଡପ ଗୁଡ଼ିକରେ ହର୍ଷୋଲ୍ଲାସ ଓ ଭାବଭକ୍ତିର ସହ ଜଗତ୍‌ଜନନୀ ମା'

ଦୁର୍ଗାଙ୍କର ଆରାଧନା ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନବରାତ୍ରୀ ସମସ୍ତଙ୍କ ଜୀବନରେ ସୌଭାଗ୍ୟ, ସମୃଦ୍ଧି ଏବଂ ସଫଳତା ଆଣିଦେଉ ବୋଲି କହିଛନ୍ତି ।

---

# ସେବାପର୍ବ-ସଶକ୍ତ ବିଶ୍ୱସ୍ତରୀୟ ସହଭାଗିତା

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଶୁଣିବା, ମୋଦୀ ସରକାର ବିଶ୍ୱସ୍ତରୀୟ ଭାଗିଦାରିତାକୁ କିପରି ସୁଦୃଢ଼ କରିଛନ୍ତି ଏବଂ ବିଶ୍ୱ ମଞ୍ଚରେ ଭାରତର ସ୍ୱରକୁ ଦୃଢ଼ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ବୈଶ୍ୱିକ ସଂପର୍କ ଅଭୂତପୂର୍ବ ସ୍ତରରେ ପହଞ୍ଚିଛି, ଯାହା ବୈଶ୍ୱିକ ବ୍ୟାପାରକୁ ରୂପ ଦେବାରେ ଦେଶକୁ ଏକ ପ୍ରଭାବଶାଳୀ ଶକ୍ତି ଭାବେ ପ୍ରତିଷ୍ଠିତ କରିଛି । ଗ୍ଲୋବାଲ୍ ସାଉଥ ସହିତ ଭାରତର ସଂପର୍କ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଏକ ଶକ୍ତିଶାଳୀ ସ୍ୱର ସହିତ ବହୁମୁଖୀ ବିଶ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଦର୍ଶନ G-20ରେ ଆଫ୍ରିକୀୟ ୟୁନିୟନ୍‌କୁ ସାମିଲ କରିବା ଲାଗି ଭାରତର ପ୍ରୟାସ ଏବଂ Covid-19 ମହାମାରୀ ସମୟରେ ଭାରତର ଟିକା ବନ୍ଧୁତା ପ୍ରୟାସରେ ପ୍ରତିଫଳିତ ହୋଇଥିଲା । ଏହି ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ : ...

**V/O-(PM-Global South)**

ଜାତୀୟ ସ୍ୱାର୍ଥ ଏବଂ ରଣନୈତିକ ସ୍ୱାୟତ୍ତତାର ସ୍ୱାଧୀନତା ଲକ୍ଷ୍ୟରେ ଭାରତ ବହୁପକ୍ଷୀୟ ସଂପର୍କକୁ ବଜାୟ ରଖିଛି । ବ୍ରିକ୍ସ, କ୍ୱାର୍ଡ ଏବଂ ଏସ୍‌ସିଓ ଭଳି ମଞ୍ଚରେ ଭାରତର ଯୋଗଦାନ ଏକ ସନ୍ତୁଳିତ କାର୍ଯ୍ୟକୁ ପ୍ରତିଫଳିତ କରୁଛି । ବ୍ରିକ୍ସ ସହିତ ବହୁ ଧ୍ରୁବୀୟତାକୁ ସୁଦୃଢ଼ କରିବା, କ୍ୱାର୍ଡ ସହିତ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ଆଗକୁ ବଢ଼ାଇବା ଏବଂ ଏସ୍‌ସିଓ ମାଧ୍ୟମରେ ଆତଙ୍କବାଦ ବିରୋଧୀ ପ୍ରୟାସକୁ ମଜବୁତ କରିବା ଭାରତର ପ୍ରଧାନ ଲକ୍ଷ୍ୟ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନେକ ଅନ୍ତର୍ଜାତୀୟ ଗସ୍ତ ଭାରତକୁ ବିଶ୍ୱର ଅଗ୍ରଭାଗରେ ପହଞ୍ଚାଇଛି ଏବଂ ଭାଗିଦାରିତାକୁ ମଧ୍ୟ ସଶକ୍ତ କରିଛି। ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ପ୍ରଫେସର ଚିନ୍ତାମଣି ମହାପାତ୍ର କହିଛନ୍ତି, ବିଶ୍ୱସ୍ତରରେ ପ୍ରମୁଖ ନିଷ୍ପତ୍ତି ନେବାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ ରହିଛି ।

**V/O-(Chintamani)**

ବହୁମୁଖିତା, ବିଭାଜିତ ଜଗତୀକରଣ ଏବଂ ପରିବର୍ତ୍ତିତ ଶକ୍ତି ଗତିଶୀଳତା ଦ୍ୱାରା ଚିହ୍ନିତ ଏକ ଯୁଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ କେବଳ ଏକ ଅଂଶୀଦାର ଭାବରେ ନୁହେଁ; ବରଂ ବହୁପକ୍ଷୀୟ ସଂପର୍କର ପରିଚାୟକ ଭାବେ ଉଭା ହୋଇଛି ।

**Seba Parba Closing**

---

# ଏନ୍‌ସିସି-ଡିଜି

ଲେଫ୍ଟନାଣ୍ଟ ଜେନେରାଲ୍ ବୀରେନ୍ଦ୍ର ବସ୍ତ ଆଜି ଜାତୀୟ କ୍ୟାଡେଟ୍ କର୍ପସ୍-ଏନ୍‌ସିସିର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲେଫ୍ଟନାଣ୍ଟ୍ ଜେନେରାଲ୍ ବସ୍ତ ୧୯୮୮ ମସିହାରେ ଭାରତୀୟ ସେନାର ୧୯ କୁମାଉନ୍ ରେଜିମେଣ୍ଟ୍‌ରେ ଯୋଗ ଦେଇଥିଲେ ଏବଂ ଓ୍ୱେଲିଂଟନ୍‌ର ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍

କଲେଜରେ କମାଣ୍ଡାଣ୍ଟ୍ ଭାବେ କାର୍ଯ୍ୟ କରିଥିଲେ । ଲେଫ୍ଟନାଣ୍ଟ ଜେନେରାଲ୍ ଗୁର୍‌ବୀରପାଲ୍ ସିଂହଙ୍କ ସ୍ଥାନରେ  ସେ କାର୍ଯ୍ୟକରିବେ ।

## ୟୁଏସ୍-ଗଭ୍

ପ୍ରାୟ ୭ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଆମେରିକା ସରକାର ଆଜି ଆନୁଷ୍ଠାନିକ ଭାବେ ସରକାରୀ କାର୍ଯ୍ୟ ବନ୍ଦ କରିଛନ୍ତି । ଆମେରିକା କଂଗ୍ରେସରେ ରିପବ୍ଲିକାନ୍ ଏବଂ ଡେମୋକ୍ରାଟ ଦଳ ଏକ ଖର୍ଚ୍ଚ ବିଲ୍ ଉପରେ ସହମତିରେ ପହଞ୍ଚିବାରେ ବିଫଳ ହେବା ପରେ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି । ଆମେରିକା କଂଗ୍ରେସରେ  ଆଜି ଏହି ଖର୍ଚ୍ଚ ବିଲ୍ ଆଲୋଚନା ବେଳେ ଡେମୋକ୍ରାଟ୍ ଦଳର ସଦସ୍ୟମାନେ ରିପବ୍ଲିକାନ ପାଣ୍ଠି ପ୍ୟାକେଜ୍‌କୁ ସମର୍ଥନ କରିବାକୁ ମନା କରିଦେଇଥିଲେ । ସ୍ୱାସ୍ଥ୍ୟସେବା ଉପରେ କେନ୍ଦ୍ରିତ ଅନେକ ରିହାତି ସେମାନଙ୍କୁ ମିଳିବା ପର୍ଯ୍ୟନ୍ତ ଏହି ଖର୍ଚ୍ଚ ବିଲ୍‌କୁ ସମର୍ଥନ କରିବେ ନାହିଁ ବୋଲି ଡେମୋକ୍ରାଟ୍ ଦଳର ସଦସ୍ୟମାନେ ଅଡ଼ି ବସିଥିଲେ ।

ସ୍ଥାନୀୟ ସମୟ ଗତକାଲି ମଧ୍ୟରାତ୍ରିରେ ଆରମ୍ଭ ହୋଇଥିବା ଏହି ବନ୍ଦ ସାମୟିକ ଭାବେ ଆମେରିକାର କେତେକ ସରକାରୀ ସେବାକୁ ବନ୍ଦ କରିଦେବ ଏବଂ ଲକ୍ଷଲକ୍ଷ ସରକାରୀ କର୍ମଚାରୀଙ୍କ ଦରମା ସ୍ଥଗିତ ରହିବ । ପାଣ୍ଠି ଅଭାବ ଦର୍ଶାଇ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ସରକାରୀ କର୍ମଚାରୀଙ୍କ ବ୍ୟାପକ ଛଟେଇ କାର୍ଯ୍ୟକାରୀ କରିବା ପାଇଁ  ଧମକ ଦେଇଛନ୍ତି ।